ଧରିତ୍ରୀ
DHARITRI

ଗୁରୁବାର, ୧୮ ଅକ୍ଟୋବର, ୨୦୧୮

ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ। ଆଖି ଝଲସେଇଦେଲା ଭଳି ସୁଉଚ୍ଚ ତୋରଣ ପାଖରେ ଅଟକିଯାଉଛି ଆଖି। ସୁନା, ଚାନ୍ଦି ଅଳଙ୍କାରରେ ସଜେଇ ହୋଇ ଧରାବତରଣ କରିଛନ୍ତି ମା’ ଦୁର୍ଗତିନାଶିନୀ। କେଉଁଠି ଏଲ୍‌ଇଡି ଗେଟ୍ ତ କେଉଁଠି ଭଳିକି ଭଳି ରଙ୍ଗରେ ଝଟକୁଥିବା ଗଛ ଦେଖଣାହାରିଙ୍କ ଆଖିକୁ ଟାଣି ନେଉଛି। ଏହାମଧରେ କିନ୍ତୁ ବାରି ହୋଇପଡୁଛି ମଣ୍ଡପଗୁଡିକ ପକ୍ଷରୁ ତିଆରି ହୋଇଥିବା ସୁଉଚ୍ଚ ତୋରଣ। ଉଭୟ ଦେଶୀ ଓ ବିଦେଶୀ ଡିଜାଇନ୍‌ରେ ପ୍ରସ୍ତୁତ ତୋରଣଗୁଡିକର କାରିଗରି ଶୈଳୀ ଦେଖିବାକୁ ବେଶ୍ ନିଖୁଣ ଓ ସୂକ୍ଷ୍ମ ମନେହେଉଛି। ଭୁବନେଶ୍ୱର, କଟକ ବ୍ୟତୀତ ରାଉରକେଲା, ବାଲେଶ୍ୱର ଓ ବାରିପଦା ଭଳି ସହରଗୁଡିକ ମଧ ଏହି ତୋରଣ ରେସ୍‌ରେ ସାମିଲ ହୋଇଛନ୍ତି। ମୂର୍ତ୍ତି ଓ ମେଢ ଅପେକ୍ଷା ତୋରଣ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି, ଯେଉଁଥିପାଇଁ ଚଳିତବର୍ଷ ରାଜ୍ୟର ଅଧିକାଂଶ ସହରରେ ତୋରଣ ପାଲଟିଛି ପ୍ରମୁଖ ଆକର୍ଷଣ।

# ମନ କିଣୁଛି ତୋରଣ






## ଚୌଧୁରୀବଜାର: ୧୯୫୫ରୁ ଚାନ୍ଦିମେଢ଼

୧୯୫୫ ମସିହାରେ କଟକର ଚୌଧୁରୀବଜାର ଦୁର୍ଗାମଣ୍ଡପରେ ପ୍ରଥମେ ଚାନ୍ଦିମେଢ଼ ହୋଇଥିଲା। ଅଢ଼େଇ କୁଇଣ୍ଟାଲ ପିଟା ଚାନ୍ଦିରେ ଏହି ମେଢ଼ ହୋଇଥିବା ବେଳେ ଏବେ ଏଥିରେ ୭କେଜିର ସୁନା ଲାଗି ସାରିଲାଣି। ଏହାଛଡ଼ା ଦେବୀ, ଦାନବ, ପାର୍ଶ୍ୱ ଦେବଦେବୀଙ୍କ ମୁକୁଟ ସବୁ ସୁନାରେ ତିଆରି ସରିଛି। ଅନେକ ଆଭୂଷଣ ମଧ ସୁବର୍ଣ୍ଣ। କଟକରେ ପୂର୍ବରୁ ୨୪ଟି ସ୍ଥାନରେ ଚାନ୍ଦିମେଢ଼ ହୋଇଆସୁଥିବାବେଳେ ଚଳିତବର୍ଷ ନୂତନ ଭାବେ ଛତ୍ରବଜାରରେ ଚାନ୍ଦିମେଢ଼ ତିଆରି ହୋଇଛି। ଏବେ ପ୍ରତିଯୋଗିତା ଚାଲିଛି ସୁନା ମୁକୁଟ ପାଇଁ। ଚୌଧୁରୀବଜାର ପରେ ମଙ୍ଗଳାବାଗ ଦେବୀଙ୍କ ମସ୍ତକରେ ଶୋଭା ପାଇଥିଲା ସୁନା ମୁକୁଟ। ଚଳିତବର୍ଷ ଏଥିରେ ସାମିଲ ହୋଇଛି ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି।

- କୁମାରଶ୍ରୀ ସାହୁ, କଟକ







ଶାରଦୀୟ ପୂଜା ପାଇଁ କଟକ ସହରର ପ୍ରସିଦ୍ଧି ରହିଆସିଥିବା ବେଳେ ଏବେ ଏଥିରେ ଭୁବନେଶ୍ୱରର ନାମ ଯୋଡି ହୋଇଯାଇଛି। ମେଢ ଓ ମୂର୍ତ୍ତିରେ ନ ହେଲେ ବି ତୋରଣ ପ୍ରତିଯୋଗିତାରେ ଅଗ୍ରଣୀ ରହିଛି ରାଜଧାନୀ ଭୁବନେଶ୍ୱର। ସୁଉଚ୍ଚ ତୋରଣ ସାଙ୍ଗକୁ ଆଖି ଝଲସାଇଦେଲା ଭଳି ଡିଜାଇନ୍ ଏବଂ କିଛି ଭିନ୍ନ କରିବାର ନିଶା ଏଠାକାର ତୋରଣକୁ ସ୍ୱତନ୍ତ୍ର କରୁଛି। ଶାରଦୀୟ ପୂଜାରେ ତୋରଣକୁ ସର୍ବୋତ୍କୃଷ୍ଟ କରିବା ପାଇଁ ଗତ କିଛି ବର୍ଷ ହେବ ଭୁବନେଶ୍ୱରର ପୂଜାମଣ୍ଡପଗୁଡିକ ମଧ୍ୟରେ ଜୋରଦାର ପ୍ରତିଯୋଗିତା ହେଉଛି। ଏଥର ବି ସେହି ପରମ୍ପରା ବଜାୟ ରହିଥିବା ବେଳେ ଆକାଶଛୁଆଁ ତୋରଣକୁ ନେଇ ଫୁଲେଇ ହେଉଛି ରାଜଧାନୀ।

## ଶହୀଦନଗରରେ ଚିତୋରଗଡ଼ ପ୍ୟାଲେସ୍

ଭୁବନେଶ୍ୱରର ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ଚଳିତବର୍ଷ ପ୍ରସ୍ତୁତ ହୋଇଛି ରାଜସ୍ଥାନର ପ୍ରସିଦ୍ଧ ଚିତୋରଗଡ ପ୍ୟାଲେସ୍ ଆକୃତିର ବିଶାଳ ତୋରଣ। ୭୦ ଫୁଟ ଉଚ୍ଚତା ଏବଂ ୧୨୦ ଫୁଟ ଓସାର ବିଶିଷ୍ଟ ଏହି ତୋରଣକୁ ନିର୍ମାଣ କରିଛନ୍ତି ରାଜ୍ୟ ବାହାରୁ ଆସିଥିବା ସ୍ୱତନ୍ତ୍ର ଡିଜାଇନର ଓ ୩୫ରୁ ଊର୍ଦ୍ଧ୍ୱ କାରିଗର। ବହୁଚର୍ଚ୍ଚିତ ପଦ୍ମାବତ୍ ଫିଲ୍ମର ‘ଘୁମର୍’ ଗୀତ ଏହି ପ୍ୟାଲେସ୍‌ରେ ଶୁଟିଂ ହୋଇଥିବାରୁ ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ଏଠାରେ ସମାନ ଢାଞ୍ଚାରେ ତୋରଣ ତିଆରି କରାଯାଇଛି। ପ୍ଲାଏ, ସୋଲ, କାଉଁରିଆ କାଠିରେ ନିର୍ମିତ ସୂକ୍ଷ୍ମ କାରୁକାର୍ଯ୍ୟ ଏହି ତୋରଣରେ ଦେଖିବାକୁ ମିଳିଛି।

## ନୟାପଲ୍ଲୀରେ ‘ଆଲ୍‌ଟେୟାର ଡେଲା ପାଟ୍ରିଆ’

ରାଜଧାନୀରେ ୩୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଶାରଦୀୟ ଦୁର୍ଗାପୂଜା ଆୟୋଜନ କରିଆସୁଥିବା ନୟାପଲ୍ଲୀ ଦୁର୍ଗାପୂଜା ସମିତିର ତୋରଣ ଏଥର ମଧ ପ୍ରମୁଖ ଆକର୍ଷଣ ସାଜିଛି। ଇଟାଲୀର ପ୍ରଥମ ରାଜା ଭିକ୍ଟର ଇମାନୁଏଲ୍‌ଙ୍କ ସ୍ମୃତିରେ ନିର୍ମିତ ହୋଇଥିବା ‘ଆଲ୍‌ଟେୟାର

ପୃ ୭

# ମନ କିଣୁଛି ତୋରଣ




ପ୍ରଥମ ପୃଷ୍ଠାରୁ...

ଡେଲା ପାଟ୍ରିଆ’ ଆକୃତିର ବିରାଟ ତୋରଣ ଏଠାରେ ଶୋଭାପାଉଛି। ୧୨୦ ଫୁଟ ଓସାର ଏବଂ ୮୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ତୋରଣ ସନ୍‌ପେକ୍ ଓ ଫାଇବରରେ ପ୍ରସ୍ତୁତ ହୋଇଛି। ମଣ୍ଡପର ସମ୍ମୁଖ ଭାଗ ଓ ମଧ୍ୟଭାଗରେ ମହାଭାରତର ଇତିବୃତ୍ତ ଦେଖିବାକୁ ମିଳୁଥିବା ବେଳେ ମହାଭାରତ ଯୁଦ୍ଧ ପୂର୍ବରୁ କୌରବ ଓ ପାଣ୍ଡବ ପକ୍ଷଙ୍କ ଉପସ୍ଥିତି ଏବଂ ଆଉ କିଛି ଗହନ ପୌରାଣିକ କଥାବସ୍ତୁକୁ ଏଠାରେ ଦର୍ଶାଯାଇଛି। ସେହିଭଳି କୃଷ୍ଣଙ୍କ ବିଶ୍ୱରୂପ ଏବଂ କୁରୁକ୍ଷେତ୍ରକୁ ମଧ୍ୟ ଚିତ୍ରଣ କରାଯାଇଛି। ତୋରଣ ନିର୍ମାଣ ପାଇଁ କଲିକତାର ୪୫ରୁ ଅଧିକ କାରିଗର ନିୟୋଜିତ ହୋଇଥିବାବେଳେ ୧୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି।

## ବରମୁଣ୍ଡା: ଗିନା, ଚାମଚରେ ତୋରଣ

ପୂର୍ବବର୍ଷଗୁଡ଼ିକରେ ଲେମ୍ବୁ, ଗୁଆ, କଉଡ଼ି, ବାଉଁଶପାଟିଆ ଏବଂ ସନ୍ତରା କାଠି ଆଦି ସାମଗ୍ରୀରେ ତୋରଣ କରି ଚର୍ଚ୍ଚାରେ ଥିବା ଭୁବନେଶ୍ୱରର ବରମୁଣ୍ଡା ପୂଜା କମିଟି ଏଥର ଷ୍ଟିଲ୍ ଗିନା, ଚାମଚ, ଡାଟିଆ, ଥାଳିଆରେ ଏକ ଆକର୍ଷଣୀୟ ତୋରଣ ନିର୍ମାଣ କରିଛି। ୮୦ ଫୁଟ ଉଚ୍ଚତା ଏବଂ ୧୨୦ ଫୁଟ ଓସାର ବିଶିଷ୍ଟ ଏହି କାଳ୍ପନିକ ତୋରଣକୁ ଷ୍ଟିଲ୍ ତୋରଣର ରୂପ ଦିଆଯାଇଛି। ସେହିଭଳି ଅଗ୍ନିକାଣ୍ଡକୁ ଏଡାଇବା ପାଇଁ ତୋରଣରେ ଫାୟାର ରିର୍ଟାଡାଣ୍ଟ ସ୍ପ୍ରେ କରାଯାଇଛି। ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦେଇଥିବା ବେଳେ ତୋରଣ ଓ ଆଲୋକ ସଜ୍ଜା ପାଇଁ କେବଳ ୧୫ଲକ୍ଷ ଟଙ୍କାର ବଜେଟ ରଖାଯାଇଛି।

## ଝାରପଡ଼ାରେ ରାଜସ୍ଥାନର ଆଲବର୍ଟ ମ୍ୟୁଜିୟମ୍

ନୂଆ ନୂଆ ଥିମ୍‌କୁ ନେଇ ପ୍ରତିବର୍ଷ ତୋରଣ ନିର୍ମାଣ କରୁଥିବା ଭୁବନେଶ୍ୱରର ଝାରପଡ଼ା ଦୁର୍ଗାପୂଜା ସମିତି ଚଳିତବର୍ଷ ତିଆରି କରିଛି ରାଜସ୍ଥାନର ରାଜ୍ୟ ସଂଗ୍ରହାଳୟ ‘ଆଲବର୍ଟ ହଲ୍ ମ୍ୟୁଜିୟମ୍’ ଆକୃତିର ତୋରଣ। ୮୦ ଫୁଟ ଉଚ୍ଚତା ଏବଂ ୧୧୫ ଫୁଟ ଚଉଡା ବିଶିଷ୍ଟ ଏହି ତୋରଣକୁ ପଶ୍ଚିମବଙ୍ଗର ପ୍ରାୟ ୫୦ କାରିଗର ନିର୍ମାଣ କରିଛନ୍ତି। ଗତବର୍ଷ ନିଆରା ତୋରଣ କରି ରେଳଷ୍ଟେଶନ୍‌ର ଭ୍ରମ ସୃଷ୍ଟି କରିଥିବା ଏହି ମଣ୍ଡପରେ ନକଲି ଟ୍ରେନ୍ ମୁଖ୍ୟ ଆକର୍ଷଣ ସାଜିଥିଲା।

## ରସୁଲଗଡ଼ରେ ‘ଦି ରୟାଲ ଆଲବର୍ଟ ହଲ୍’

ଚଳିତବର୍ଷ ଚିରାଚରିତଠାରୁ କିଛି ଭିନ୍ନ କରିଛି ରସୁଲଗଡ ଦୁର୍ଗାପୂଜା ପରିଚାଳନା କମିଟି। କୃତ୍ରିମ ଜେମ୍‌ଷ୍ଟୋନ୍ ବା ରତ୍ନପଥରରେ ଏଥର ତୋରଣ ତିଆରି କରିଛି ରାଜଧାନୀର ଏହି ମଣ୍ଡପ। ଲଣ୍ଡନର ପ୍ରସିଦ୍ଧ ‘ଦି ରୟାଲ ଆଲବର୍ଟ ହଲ୍’ ଡିଜାଇନ୍‌ର ତୋରଣରେ ଖଚିତ ହୋଇଛି ବିଭିନ୍ନ ସ୍ଥାନରୁ ଆସିଥିବା ୧୩ ପ୍ରକାରର କୃତ୍ରିମ ରତ୍ନପଥର, ଯାହାକି ଏହି ମଣ୍ଡପକୁ ଦେଇଛି ଏକ ଝଲମଲିଆ ରୂପ। କଲିକତାର ପ୍ରାୟ ୪୦ କାରିଗର ୪୦ଦିନ ଧରି ଦିବାରାତ୍ର କାମକରି ୮୦ ଫୁଟ ଉଚ୍ଚତା ଏବଂ ୧୨୦ ଫୁଟ ଓସାରର ଏହି ତୋରଣକୁ ନିର୍ମାଣ କରିଛନ୍ତି।





## ପୁରୁଣାଷ୍ଟେଶନ ବଜାରରେ ଜଗନ୍ନାଥ ସଂସ୍କୃତିର ଝଲକ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧ ନବଗୁଞ୍ଜର ବେଶକୁ ଏଥର ଭୁବନେଶ୍ୱରରେ ଦେଖିବାକୁ ପାଇଛନ୍ତି ଦର୍ଶକ। ପୁରୁଣା ଷ୍ଟେଶନ ବଜାର ଦୁର୍ଗାପୂଜା କମିଟି ପକ୍ଷରୁ ତିଆରି ହୋଇଥିବା ପେଣ୍ଡାଲ ଓ ତୋରଣରେ ଚଳିତବର୍ଷ ଜଗନ୍ନାଥ ସଂସ୍କୃତିର ଝଲକ ଦେଖିବାକୁ ମିଳିଛି। ନବଗୁଞ୍ଜର ବେଶ ସହ କିଭଳି ଓଡ଼ିଆ ସଂସ୍କୃତି ଓ ପରମ୍ପରା ଜଡ଼ିତ ହୋଇ ରହିଛି ତାହାକୁ ଏଠାରେ ଦର୍ଶାଯାଇଛି। ୪୦ଲକ୍ଷ ବଜେଟରେ ଚଳିତବର୍ଷ ପୂଜାର ଆୟୋଜନ କରୁଥିବା ଭୁବନେଶ୍ୱରର ଏହି ମଣ୍ଡପରେ ମା’ ୧.୫ କୁଇଣ୍ଟାଲ ସୁନା ଏବଂ ୨.୪ କୁଇଣ୍ଟାଲ ରୁପାରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

## ତୋରଣରେ ସର୍ବଧର୍ମ ସମନ୍ୱୟର ବାର୍ତ୍ତା

ହିନ୍ଦୁ, ମୁସଲିମ୍, ଶିଖ୍ ଏବଂ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀଙ୍କ ମିଳିତ ଉଦ୍ୟମରେ ପ୍ରତିବର୍ଷ ଶାରଦୀୟ ପୂଜାର ଆୟୋଜନ କରୁଥିବା ଚନ୍ଦ୍ରଶେଖରପୁରର ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ୍ ଏଥର ମଧ୍ୟ ତୋରଣରେ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଦେଇଛି। ୮୦ ଫୁଟ ଉଚ୍ଚତା ଏବଂ ୫୦ ଫୁଟ୍ ଚଉଡାର ଏହି ମଣ୍ଡପ ତୋରଣରେ ସମସ୍ତ ଧର୍ମର ସଂକେତ ପ୍ରଦର୍ଶିତ ହୋଇଛି। ହିନ୍ଦୁ, ମୁସଲିମ୍, ଶିଖ୍ ଓ ଖ୍ରୀଷ୍ଟିଆନ୍ ଧର୍ମକୁ ଗୋଟିଏ ସ୍ଥାନରେ ଦେଖାଇବାକୁ ପ୍ରୟାସ କରିଛି ରାଜଧାନୀର ଏହି ମଣ୍ଡପ।

**– ରିପୋର୍ଟ: ସସ୍ମିତା ପାଇକରାୟ**




## ତୋରଣରେ ବାହୁବଳୀ

ବାଲେଶ୍ୱର ସହର ଦୁର୍ଗାପୂଜାରେ ଏଥର ଦେଖିବାକୁ ମିଳିଛି ‘ବାହୁବଳୀ’ର କ୍ରେଜ୍। ଟାଉନ୍ ଥାନା ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ପୂଜାମଣ୍ଡପ ଆଗରେ ତିଆରି ହୋଇଛି ଏହି ତୋରଣ। ଶ୍ୟାମସୁନ୍ଦରପୁର ପୂଜା କମିଟି ଚଳିତବର୍ଷ ଦୁର୍ଗାପୂଜା ରୌପ୍ୟ ଜୟନ୍ତୀ ପାଳନ କରୁଥିବାରୁ କମିଟି ସଦସ୍ୟମାନେ ଏକ ହାଇବଜେଟ ତୋରଣ ପ୍ରସ୍ତୁତ କରିଛନ୍ତି। ୩୦ଜଣ କାରିଗର ୨ ମାସ ଧରି ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ତୋରଣର ଉଚ୍ଚତା ୪୮ଫୁଟ୍। ଦୈର୍ଘ୍ୟ ଏବଂ ପ୍ରସ୍ଥ ୫୦ ଫୁଟ୍ ଲେଖାଏ। ଏଥିରେ ୮/୪ ଫୁଟ ସାଇଜ୍‌ର ୫ଶହ ଖଣ୍ଡ ପ୍ଲାଏ ବ୍ୟବହାର କରାଯାଇଛି। କଇଁଥ, ରୁଦ୍ରାକ୍ଷ, ଆକ୍ରୋଡ଼ ଚୋପା, ସାଲମା ମଞ୍ଜି, ବାଇଗଣ ଫୁଲ, ଝାଉଁ ଫଳକୁ ନେଇ ସାଜସଜ୍ଜା କରାଯାଇଛି। ସୁକୁମାର ମାଇତି ମୁଖ୍ୟ କାରିଗର ଭାବେ କାର୍ଯ୍ୟ କରିଛନ୍ତି। ତୋରଣକୁ ଅଧିକ ଆକର୍ଷଣୀୟ ଓ ରୁଚିକର କରିବା ପାଇଁ ପୂଜା କମିଟି କର୍ମକର୍ତ୍ତା ପରିକଳ୍ପନା କରିଥିଲେ। ଏଥିଲାଗି ବାହୁବଳୀ ତୋରଣ ସମ୍ମୁଖରେ ଥିବା ପୋଖରୀ ମଝିରେ ପ୍ରସ୍ତୁତ ହୋଇଛି ଏକ ସୁଦୃଶ୍ୟ ପେଣ୍ଡାଲ। ସେଠାରେ ୧୦୦୮ ହାତ ଥିବା ଦୁର୍ଗା ମୂର୍ତ୍ତି ରଖାଯାଇ କୋଲକାତା ଚନ୍ଦନନଗର ଅଞ୍ଚଳରୁ ଆସିଥିବା ନୂଆ ନୂଆ ଡିଜାଇନ ଓ ମଡେଲର ଲାଇଟ୍‌ରେ ସଜାଯାଇଛି। ସେହିପରି ମା’ ଦୁର୍ଗାଙ୍କ ମୁଖ୍ୟ ମୂର୍ତ୍ତି ଓ ମେଢ ପାଇଁ ଅଧିକ ବଜେଟ ବ୍ୟବସ୍ଥା କରାଯାଇ କୋଲକାତାର କୁମାରଟଲି ଅଞ୍ଚଳର କାରିଗର ମିଣ୍ଟୁ ପାଲଙ୍କୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। କର୍ମକର୍ତ୍ତାମାନେ ଦିନରାତି ଏକ କରି ପ୍ରତିଯୋଗିତା ମୂଳକ ସାଜସଜା କରିଛନ୍ତି। ତୋରଣ, ମେଢ଼ ତିଆରିରେ ନୂତନତ୍ୱ ଅଣାଯିବା ସହ କଳା, ସଂସ୍କୃତି ପ୍ରଦର୍ଶିତ ହୋଇଛି।

-ମାନସ ବିଶ୍ୱାଳ, ବାଲେଶ୍ୱର







ଫଟୋ: ମନୋରଞ୍ଜନ ମିଶ୍ର ଓ ମୌସମ ନନ୍ଦ, ଭୁବନେଶ୍ୱର

# ମନ କିଣୁଛି ତୋରଣ

ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ...

## ବ୍ରହ୍ମପୁର: ପ୍ରଥମେ ଗିରି ମାର୍କେଟ୍‌ରେ ହୋଇଥିଲା ଦୁର୍ଗାମେଢ଼

କଟକର ଶାରଦୀୟ ଦୁର୍ଗାପୂଜା ଓ ମେଢ଼ ରେଶମ ନଗରୀ ବ୍ରହ୍ମପୁରକୁ ସମ୍ପ୍ରସାରିତ ହୋଇଥିଲା। ପ୍ରଥମେ ୧୯୫୪ରେ ଅତୀତର ଭିକ୍ଟୋରିଆ ମାର୍କେଟ ଓ ବର୍ତ୍ତମାନର ଗିରି ମାର୍କେଟରେ ଆରମ୍ଭ ହୋଇଥିଲା ଦୁର୍ଗାମେଢ଼ରେ ମୃଣ୍ମୟ ମୂର୍ତ୍ତି ସ୍ଥାପନ ସହ ପୂଜାର୍ଚ୍ଚନା। ବିଶିଷ୍ଟ କାଠ ବ୍ୟବସାୟୀ ସ୍ୱର୍ଗତ ରାମଚନ୍ଦ୍ର ମହାରଣା ଓ ଅନ୍ୟ ବ୍ୟବସାୟୀମାନେ ଏହାର ଆୟୋଜକ ଥିଲେ। ଖର୍ଚ୍ଚ ଭରଣା ପାଇଁ ଲଟେରି ଟିକେଟ ବିକ୍ରିର ବ୍ୟବସ୍ଥା କରାଯାଇଥିଲା। ଗିରି ମାର୍କେଟ ପୂଜା ମହୋତ୍ସବକୁ ଏବେ ୬୪ ବର୍ଷ ପୂରିଛି। ମାର୍କେଟ ରାସ୍ତାପାର୍ଶ୍ୱରେ ପୂଜା ମଣ୍ଡପ ନିର୍ମିତ ହେଉଛି। ଏହାପରେ ନିକଟସ୍ଥ ହନୁମାନ ବଜାର ଛକରେ ଆରମ୍ଭ କରାଗଲା ଦୁର୍ଗାମେଢ଼। ଏହାକୁ ୬୩ ବର୍ଷ ବିତିଛି। ଏହା ଦୁର୍ଗାପୂଜା କମିଟି ଦ୍ୱାରା ପରିଚାଳିତ ହେଉଛି। ପରବର୍ତ୍ତୀ ପର୍ଯ୍ୟାୟରେ ବିଜିପୁର ଦୁର୍ଗାପୂଜା କମିଟି ଗଠନ କରାଯାଇ ଦଶହରା ଓ ସିଂହବାହିନୀଙ୍କ ପୂଜା ଆରମ୍ଭ କରାଗଲା। ୫୮ ବର୍ଷ ଧରି ମହୋତ୍ସବ ଶୃଙ୍ଖଳିତ ଭାବେ ପାଳନ କରାଯାଉଛି। ବିଜିପୁର ବଜାର ଭିତରେ ମେଢ଼ ମଣ୍ଡପ କରାଯାଉଛି। ପ୍ରତିବର୍ଷ ବିପୁଳ ବ୍ୟୟରେ ଆକର୍ଷଣୀୟ ତୋରଣ ଓ ସାଜସଜ୍ଜା ହେଉଛି। ମହାନଗରର ପ୍ରମୁଖ ସ୍ଥାନ ଗିରିଜା ଛକ ପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଥିବା ଦୁର୍ଗାମେଢ଼ ଏବେ ୪୯ ବର୍ଷରେ ପଦାର୍ପଣ କରିଛି। ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଓ ଅନ୍ୟମାନେ ଏହାର ଆୟୋଜକ ଥିଲେ।

- ନରସିଂହ ସାହୁ, ବ୍ରହ୍ମପୁର

ଗିରି ମାର୍କେଟ୍





## ରାଉରକେଲାରେ ଦିଲ୍ଲୀର ଅକ୍ଷରଧାମ

ଆଜକୁ ୪୦ବର୍ଷ ତଳେ ଷ୍ଟିଲସିଟି ରାଉରକେଲାରେ ଆରମ୍ଭ ହୋଇଥିଲା ପାର୍ବଣର ଧାରା। ସେହି ଧାରାରେ ସାମିଲ ହୋଇଛନ୍ତି ଗୋଟିଏ ପରେ ଗୋଟିଏ ପୂଜା କମିଟି। ସେଥିମଧ୍ୟରୁ ଷ୍ଟିଲ ଟାଉନଶିପ୍‌ର ସେକ୍ଟର-୨ ପୂଜା କମିଟି ଆଗରେ ରହିଛି। କାରଣ ନୂଆଦିଲ୍ଲୀର ଅକ୍ଷରଧାମ ତୋରଣ ଏଥର ମୁଖ୍ୟ ଆକର୍ଷଣ ସାଜିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ଦେବୀଙ୍କ ପ୍ରତିମା ନିର୍ମାଣ, ତୋରଣ ଓ ସାଜସଜ୍ଜା ଉପରେ ପୂଜା କମିଟି କର୍ମକର୍ତ୍ତା ଗୁରୁତ୍ୱ ଦେଇଛନ୍ତି। ବସ୍‌ଷ୍ଟାଣ୍ଡ ନିକଟ ରିଂରୋଡ୍ ପାର୍ଶ୍ୱକୁ ଲାଗିଥିବା ଏହି ପୂଜାମଣ୍ଡପରେ ପ୍ରତିବର୍ଷ ପ୍ରବଳ ଭିଡ଼ ଜମେ। ପୂଜା ପଡ଼ିଆରେ ରାମଦୋଳି ସାଙ୍ଗକୁ ମିନାବଜାର ଶ୍ରଦ୍ଧାଳୁଙ୍କ ପାଇଁ ଆକର୍ଷଣ ସାଜିଥାଏ। ଅନ୍ୟ ସେକ୍ଟରଗୁଡ଼ିକରେ ମଧ୍ୟ ଏ ବର୍ଷ ଆକର୍ଷଣୀୟ ତୋରଣ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳୁମାନଙ୍କ ମନ କିଣିଛି।

**– ବସନ୍ତ ଧଳ**



# ‘ଗୋଲ୍‌ଡେନ୍ ଫ୍ରାଏଡ୍ ପ୍ରନ୍’

## ଖାଦ୍ୟରୁଚି




ଏଥର ଖାଦ୍ୟରୁଚି ସ୍ତମ୍ଭରେ ସ୍ଥାନ ପାଇଛି ଚିଙ୍ଗୁଡ଼ିରେ ପ୍ରସ୍ତୁତ ଚଟ୍‌ପଟା ସ୍ନାକ୍ସ ‘ଗୋଲ୍‌ଡେନ୍ ଫ୍ରାଏଡ୍ ପ୍ରନ୍’। ପାଟିକୁ ସୁଆଦିଆ ଲାଗିବା ସହ ଏହା ଖୁବ୍ କମ୍ ସମୟରେ ଏବଂ ଅତି ସହଜରେ ଘରେ ପ୍ରସ୍ତୁତ କରାଯାଇ ପାରିବ। ଏହି ଡିସ୍‌ର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ଜଣାଇଛନ୍ତି ମାଲ୍‌ୱା ରେଷ୍ଟୁରାଣ୍ଟର ସେଫ୍ ଗୌତମ ଦେବନାଥ।

### ୧

#### ଆବଶ୍ୟକ ସାମଗ୍ରୀ

- କଞ୍ଚା ଲଙ୍କା ପେଷ୍ଟ ୧୦ ଗ୍ରାମ୍
- ବଡ଼ ଚିଙ୍ଗୁଡ଼ି ୬ଟି
- ଅଜିନାମୋଟୋ ୨ଗ୍ରାମ୍
- ଗୋଲମରିଚ ଅଳ୍ପ ପରିମାଣର
- ଲୁଣ ଅଳ୍ପ ପରିମାଣର
- କର୍ନଫ୍ଲାୱାର ୫ ଗ୍ରାମ୍

#### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିଙ୍ଗୁଡ଼ିକୁ ଭଲ ଭାବେ ଧୋଇ ସଫାକରି ତାହାକୁ ମଝିରୁ କାଟିଦେବେ। ଯେପରି ତା’ ମଧ୍ୟରେ ମସଲା ରହି ପାରିବ। ଏବେ ଏକ ପାତ୍ରରେ ଅଜିନାମୋଟୋ, ଗୋଲମରିଚ ଗୁଣ୍ଡ, ଲୁଣ ଏବଂ ଲଙ୍କା ପେଷ୍ଟ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ (ମସଲା) ଶୁଖିଲା କର୍ନଫ୍ଲାୱାରରେ ଗୋଳାଇ ଚିଙ୍ଗୁଡ଼ିର ମଝିରେ ଦିଅନ୍ତୁ।

### ୨

#### ଆବଶ୍ୟକ ସାମଗ୍ରୀ

- କର୍ନଫ୍ଲାୱାର ୧୦୦ ଗ୍ରାମ୍
- ମଇଦା ୫୦ ଗ୍ରାମ୍
- ଚିନି ୨୫ ଗ୍ରାମ୍
- ଅଜିନାମୋଟୋ ୫ ଗ୍ରାମ୍
- ଧନିଆ ପତ୍ର କଟା ଅଳ୍ପ ପରିମାଣର
- କଟା କଞ୍ଚାଲଙ୍କା
- ବେକିଂ ପାଉଡର ୫ଗ୍ରାମ୍
- ସ୍ୱାଦ ଅନୁଯାୟୀ ଲୁଣ
- ଛାଣିବା ପାଇଁ ରିଫାଇନ୍ ତେଲ

#### ପ୍ରସ୍ତୁତି ପ୍ରଣାଳୀ

ଏକ ପାତ୍ରରେ କର୍ନଫ୍ଲାୱାର, ମଇଦା, ଚିନି, ଅଜିନାମୋଟୋ, ବେକିଂ ପାଉଡର, କଟା ଧନିଆପତ୍ର, କଟା କଞ୍ଚାଲଙ୍କା ଏବଂ ଆବଶ୍ୟକ ଅନୁଯାୟୀ ଲୁଣ ପକାଇ ରଖିବେ। ଏବେ ସେଥିରେ ଅଳ୍ପ ପାଣି ଦେଇ ଭଲଭାବେ ଗୋଳାଇ ଏକ ଆଣ ପ୍ରସ୍ତୁତ କରନ୍ତୁ। କଡେଇରେ ତେଲ ଗରମ କରନ୍ତୁ। ପୂର୍ବରୁ ମସଲା ଦେଇ ରଖା ହୋଇଥିବା ଚିଙ୍ଗୁଡ଼ିକୁ ଏହି ଆଣରେ ବୁଡ଼ାଇ ତେଲରେ ଛାଣନ୍ତୁ। ଚିଙ୍ଗୁଡ଼ିଗୁଡ଼ିକ ହାଲ୍‌କା ଲାଲ୍ ହୋଇ ଆସିବା ପରେ ତାହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ‘ଗୋଲ୍‌ଡେନ୍ ଫ୍ରାଏଡ୍ ପ୍ରନ୍’।

### ୩

#### ହଟ୍ ଗାର୍ଲିକ ସସ୍ ପାଇଁ ଆବଶ୍ୟକ ସାମଗ୍ରୀ

- ରସୁଣ ୩୦ ଗ୍ରାମ୍
- କଟା ପିଆଜ ୩୦ ଗ୍ରାମ୍
- ଟମାଟୋ କ୍ୟାଚ୍‌ଅପ୍ ୫୦ ଗ୍ରାମ୍
- ଚିଲି ଅଏଲ୍ ୧୦ ଗ୍ରାମ୍ (ବଜାରରେ ମିଳୁଥିବା)
- ରିଫାଇନ୍ ତେଲ ୨୫ ଗ୍ରାମ୍
- ଲୁଣ ଅଳ୍ପ ପରିମାଣର
- ଚିନି ୨/୩ ଗ୍ରାମ୍
- କର୍ନଫ୍ଲାୱାର ଅଳ୍ପ ପରିମାଣର
- ଅଜିନାମୋଟୋ ୨/୩ ଗ୍ରାମ୍

#### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ କଡେଇରେ ତେଲ ଗରମ କରନ୍ତୁ। ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ହୋଇ ଆସିବା ବେଳକୁ ସେଥିରେ କଟା ରସୁଣ ପକାଇ କିଛି ସମୟ ଭାଜନ୍ତୁ। ସେଥିରେ ଟମାଟୋ କ୍ୟାଚଅପ୍, ଚିଲି ଅଏଲ୍, ଲୁଣ, ଅଜିନାମୋଟୋ ଏବଂ ଚିନି ପକାଇ ଭଲଭାବେ ଘାଣ୍ଟନ୍ତୁ। କିଛି ସମୟ ପରେ ସେଥିରେ କର୍ନଫ୍ଲାୱାର ପକାଇ ଘାଣ୍ଟନ୍ତୁ। ଯେପରି ଏହି ଆଣ ବହଳିଆ ହେବ। ଏବେ ପ୍ରସ୍ତୁତ ହୋଇଗଲା ହଟ୍ ଗାର୍ଲିକ୍ ସସ୍। ସସ୍ ଏବଂ ସାଲାଡ୍ ସହ ‘ଗୋଲ୍‌ଡେନ୍ ଫ୍ରାଏଡ୍ ପ୍ରନ୍’କୁ ପରଷି ଦିଅନ୍ତୁ।

ରିପୋର୍ଟ: ବନ୍ଦନା ସେଠୀ



@ ଆଶୁତୋଷ



@ ବବୁଲ



@ ତନ୍ମୟ



@ ଚନ୍ଦନ



@ ପ୍ରଣବ

# ସେ ଲ୍ ଫି କ ର୍ଣ୍ଣ ର



**ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**

dklselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)



@ ଗଗନ



@ ଆ.ଏ. ସ୍ୱାମୀ



@ ମଣ୍ଟୁ



@ ବିଶ୍ୱରଞ୍ଜନ



@ ସୁବ୍ରତ



@ ବୁଲୁ

ସେଲ୍ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ
dklselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)

# ଶ୍ମଶାନ ଚଣ୍ଡୀ : ମା' ନାରାୟଣୀ



**କଳା, ସଂସ୍କୃତି ଓ ଭାସ୍କର୍ଯ୍ୟରେ ପୂର୍ଣ୍ଣ ଓଡ଼ିଶାରେ ସର୍ବତ୍ର ଶକ୍ତି ପୀଠମାନ ରହିଛି। ପ୍ରତ୍ୟେକ ଶକ୍ତିପୀଠର ସ୍ୱତନ୍ତ୍ରତା ଭିନ୍ନ। ସ୍ୱତନ୍ତ୍ର ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଉଛି। ହେଲେ ମା' ଓ ପୁଅଙ୍କ ପୂଜାର୍ଚ୍ଚନା ଶକ୍ତିପୀଠ ହୁଏତ ବିରଳ। ଗଞ୍ଜାମ ଜିଲା କଙ୍କୋରଡାରେ ରହିଛି ମା'ନାରାୟଣୀ ଶକ୍ତିପୀଠ, ଯେଉଁଠି ମାତା ଅମ୍ବିକା ଏବଂ ପୁତ୍ର ଗଣେଶ ରହିଛନ୍ତି।**






ପ୍ରାଚୀନ ଉତ୍କଳ ଭୂଖଣ୍ଡରେ ଅନେକ ଶକ୍ତିପୀଠ ଦେଖାଯାଏ। ଏହି ଶକ୍ତିପୀଠଙ୍କ ମଧ୍ୟରୁ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ କଙ୍କୋରଡା-କଉଡିଆ-ଲେଙ୍କଖାଲି-ଆଡପଡା-ବାଲିଆ ଗ୍ରାମର ମଧ୍ୟସ୍ଥଳରେ ଥିବା ମା' ନାରାୟଣୀ ଶ୍ମଶାନ ଚଣ୍ଡୀଙ୍କ ପୀଠ ଅନ୍ୟତମ। ଆଜି ଯେଉଁଠି ମା'ନାରାୟଣୀ ଶ୍ମଶାନ ଚଣ୍ଡୀଙ୍କ ମନ୍ଦିର ବିଦ୍ୟମାନ, ଦିନେ ଏହା ଏକ ଶ୍ମଶାନ ଥିଲା। ଶ୍ମଶାନରେ ମା'ଙ୍କ ଆସ୍ଥାନ ହେବାରୁ ଶ୍ମଶାନ ଚଣ୍ଡୀ ନାମରେ ମା'ଙ୍କୁ ଏଠାରେ ପୂଜାର୍ଚ୍ଚନା କରାଯାଉଛି। କିମ୍ବଦନ୍ତୀରୁ ଜଣାଯାଏ, ଏହା ଏକ ପ୍ରାଚୀନ ବୌଦ୍ଧ ପୀଠ। ଓଡ଼ିଶା ତଥା ଭାରତବର୍ଷରୁ ବୌଦ୍ଧ ଧର୍ମର ବିଲୋପ ପରେ ଏଇ ବୌଦ୍ଧ ତନ୍ତ୍ରପୀଠ, ଦେବୀପୀଠକୁ ରୂପାନ୍ତରିତ ହୋଇଛି।

କଙ୍କୋରଡା, କଉଡିଆ ଓ ଆଡପଡାର କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ଏଠି ପୋଡ଼ା ବା ପୋତା ଯାଉଥିଲା। ମା' ପାଲଟି ଯାଇଥିଲେ ଶ୍ମଶାନଚଣ୍ଡୀ। ଅନେକ ଦିନ ପରେ ମଣି ରଣା ନାମକ ମାଳୀ, ମା' ଙ୍କ ପୂଜାର୍ଚ୍ଚନା ଇଚ୍ଛା କରି ଦିନରେ ଭୟ ମନରେ ସେଠାକୁ ଯାଉଥିଲେ। ଭୟ ଲାଗିଲେ ଉଚ୍ଚ ସ୍ୱରରେ ମା' ମା' ଡାକ ଛାଡିଲେ, ମା'ଙ୍କ ଅଭୟବାଣୀ ଆ ଆ ଶବ୍ଦ ତାଙ୍କୁ ଶୁଭୁଥିଲା। ଆଉ ମନରେ ସାହସ ସଞ୍ଚୟ କରି ସେଠାକୁ ଯାଇ ପୂଜାର୍ଚ୍ଚନା କରୁଥିଲେ। କିଛି ଦିନ ପରେ ଖୋଲା ଆକାଶତଳେ ଖରା, ବର୍ଷା, କାକରରେ ଥିବା ମା'ଙ୍କ ପାଇଁ ଚାଳ ଘରଟିଏ ନିର୍ମାଣ କରି ଦୈନିକ ପୂଜା ଆରମ୍ଭ କଲେ। ଶୁଣାଯାଏ, ମା'ଙ୍କ ପୀଠସ୍ଥଳୀ ସେତେବେଳେ ଅତ୍ୟନ୍ତ ବୃକ୍ଷ ଗହଳ ଥିଲା। ତା' ପାର୍ଶ୍ୱରେ କଙ୍କୋରଡା ଯିବା ପାଇଁ ଏକ ସରୁ ପାଦଚଲା ରାସ୍ତାଟିଏ ଥିଲା। ସେଇ ରାସ୍ତାରେ ଯିବା ପାଇଁ ଦିନରେ ବି ଲୋକେ ଭୟ କରୁଥିଲେ। ଦିନେ ଭୟ ମନରେ ଶଙ୍ଖାରୀଟିଏ ଖରାବେଳେ ଯାଉଥିବା ବେଳେ ରାସ୍ତାକଡ଼ର ଏକ ବୃକ୍ଷମୂଳେ ଜଣେ ସୁନ୍ଦରୀ ଝିଅ ବସିଥିବାର ଦେଖି ଆଶ୍ଚର୍ଯ୍ୟ ହୋଇ ସେଠାରେ ବସିବାର କାରଣ ପଚାରିଲା। ଉକ୍ତ ଶଙ୍ଖାରୀକୁ ଝିଅଟି ବୃକ୍ଷମୂଳେ ବିଶ୍ରାମ ନେବାକୁ କହି ଶଙ୍ଖାରୀ ପାଖରେ ଶଙ୍ଖା ଓ ଚୁଡି ଦେଖି ଦୁଇ ମୁଠା ନାଲି ଚୁଡି ପିନ୍ଧାଇବାକୁ ଅନୁରୋଧ କଲା। ଶଙ୍ଖାରୀଟି ଝିଅଟି ହାତରେ ଚୁଡି ପିନ୍ଧାଇବା ପରେ ପଇସା ମାଗିବାରୁ ଝିଅଟି କହିଥିଲା, କଙ୍କୋରଡାର ମଣି ରଣା ମୋ ବାପା। ତାଙ୍କୁ ମାଗିଲେ ନିଶ୍ଚୟ ଦେଇଦେବେ। ତେବେ ସନ୍ଦେହ ମନରେ ଶଙ୍ଖାରୀ ସେଠାରୁ ଉଠି ମଣି ରଣାଙ୍କ ପାଖକୁ ଯାଇ ସମସ୍ତ ବିଷୟ କହି ଚୁଡିର ଦାମ୍ ମାଗିଲା। ମଣି ବି ଆଶ୍ଚର୍ଯ୍ୟ ହୋଇ କହିଲା, ମୋର ତ କେହି ଝିଅ ନାହିଁ, ତୁ କାହାକୁ ଚୁଡି ପିନ୍ଧାଇ ମୋତେ ପଇସା ମାଗୁଛୁ। ଶଙ୍ଖାରୀ ଓ ମଣି ମଧ୍ୟରେ ଉଚ୍ଚବାଚ ହେବା ପରେ ସେଇ ବୃକ୍ଷମୂଳକୁ ଯାଇ ଦେଖିଲା ବେଳକୁ ସେଠାରେ କେହି ନ ଥିଲେ। ସନ୍ଦେହ ମନରେ ଦୁହେଁ ମା' ନାରାୟଣୀଙ୍କ ପାଖରେ ପହଞ୍ଚି କବାଟ ଖୋଲି ଦେଖିବା ବେଳକୁ ମା'ଙ୍କ ଦୁଇହାତ ଲମ୍ବିଯାଇଛି ଓ ସେଥିରେ ଦୁଇ ମୁଠା ଚୁଡି ପିନ୍ଧାଯାଇଛି, ଯେଉଁଚୁଡି ଶଙ୍ଖାରୀ ସେ ଝିଅକୁ ପିନ୍ଧାଇଥିଲା। ସେହିଦିନଠାରୁ ମଣିଙ୍କ ବଂଶଜ ମା'ଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି। ମା'ଙ୍କ ୪ଟି ହସ୍ତ ରହିଛି। ଗୋଟିଏରେ ପୁତ୍ର ଗଣେଶଙ୍କୁ ଧରି ଥିବା ବେଳେ ଅନ୍ୟ ଏକ ହସ୍ତରେ ଆଶୀର୍ବାଦ ମୁଦ୍ରା ସହିତ ଅନ୍ୟ ଦୁଇ ହସ୍ତରେ ତ୍ରିଶୂଳ ଧରିଛନ୍ତି।

ରିପୋର୍ଟ: ବ୍ରହ୍ମପୁରରୁ ସମୀରକାନ୍ତ ତ୍ରିପାଠୀ/ପାଟପୁରରୁ ମଳୟ କୁମାର ସାହୁ



## ମୋ ଅନୁଭୂତି

# ଷ୍ଟଣ୍ଟ ଦେବାକୁ ଯାଇ ଶିଡ଼ିରୁ ପଡ଼ିଥିଲି

ଅଳ୍ପ ବୟସରୁ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ଷ୍ଟାଇଲିଷ୍ଟ ଆଉ ଚୁଲ୍‌ବୁଲି ନାୟିକା ଭୂମିକା ଦାଶ। ଓଡ଼ିଆ ଚଳଚ୍ଚିତ୍ର 'ରୁମ୍‌କୁ ଝୁମାନା'ରେ ତାଙ୍କ ଅଭିନୟ ଯିଏ ବି ଦେଖିଛି ତାଙ୍କୁ ପ୍ରଶଂସା ନ କରି ରହିପାରି ନାହିଁ। ଏହା ତାଙ୍କୁ ଏତେ ମାଇଲେଜ୍ ଦେଇଥିଲା ଯେ, ନବମ ଶ୍ରେଣୀରେ ପଢ଼ିବା ସମୟରେ ହିଁ ସେ 'ତୁ ମୋ ଲଭ୍ ଷ୍ଟୋରୀ' ଫିଲ୍ମର ନାୟିକା ଭାବେ ପରଦାକୁ ଆସିଥିଲେ। ମାତ୍ର ୩ ବର୍ଷ ବୟସରୁ ସେ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ଏହାପରେ ଅନେକ ଷ୍ଟେଜ୍‌ରେ ସେ ଓଡ଼ିଶୀ ଏବଂ ମଡର୍ନ ଡ୍ୟାନ୍ସ ପରିବେଷଣ କରି ନିଜ ପ୍ରତିଭାର ପରିଚୟ ଦେଇଥିଲେ। ପିଲାଦିନର ଏକ ଘଟଣା ସମ୍ପର୍କରେ ସେ କହିଛନ୍ତି ଆମ ଆଗରେ।

ମତେ ସେତେବେଳେ ୫/୬ବର୍ଷ ହୋଇଥାଏ। ଆମେ ବରମୁଣ୍ଡା ହାଉସିଂ ବୋର୍ଡରେ ଏକ ଭଡ଼ା ଘରେ ରହୁଥିଲୁ। ଖାଲି ସମୟରେ ନୃତ୍ୟ କରିବା ସହ ଟିଭି ଦେଖିବାକୁ ମତେ ଭଲଲାଗେ। ଟିଭିରେ ଦେଖାଯାଉଥିବା ଫିଲ୍ମ ଏବଂ ସିରିଏଲ୍‌ଗୁଡ଼ିକରେ ଅନେକ ସମୟରେ ଷ୍ଟଣ୍ଟ ସିନ୍ ଦେଖାଏ। ହିରୋ, ହିରୋଇନ୍‌ମାନେ କିଭଳି ଛାତରୁ ଡେଇଁବା, ବାଇକ୍, ସାଇକେଲ୍‌ରେ ଶିଡିରୁ ଓହ୍ଲାଇବା, ଚଢିବା ଭଳି ଷ୍ଟଣ୍ଟ କରନ୍ତି ସେ ସବୁ ଦେଖେ। ତେଣୁ ମୋର ବି ଷ୍ଟଣ୍ଟ କରିବାକୁ ଇଚ୍ଛା ହେଉଥାଏ, ହେଲେ ମତେ ସୁଯୋଗ ମିଳୁ ନ ଥାଏ। ମୋର ଗୋଟିଏ ତିନି ଚକିଆ ଛୋଟ ସାଇକେଲ୍ ଥାଏ। ତାକୁ ଧରି ମୁଁ ଘରସାରା ବୁଲୁଥାଏ। ଦିନେ ମୁଁ ସାଇକେଲ୍ ଧରି ଶିଡି ଉପରକୁ ଚଢିଗଲି। ଭାବିଥିଲି ଫିଲ୍ମରେ ଭଳି ମୁଁ ବି ସାଇକେଲ୍‌ରେ ବସି ଶିଡି ପାହାଚରେ ତଳକୁ ଆରାମରେ ଓହ୍ଲେଇ ଆସିବି। ମାତ୍ର ସେମିତି କିଛି ହେଲା ନାହିଁ। ଯେମିତି ମୁଁ ପାହାଚକୁ ସାଇକେଲ ଧରି ଆସିଛି, ଗଡ଼ି ଗଡ଼ି ଆସି ତଳେ ପଡିଲି। ମୋ ପାଟି ଶୁଣି ମା' ମୋ ପାଖକୁ ଦୌଡ଼ିକି ଆସିଲେ। ମୋ ଗୋଡ ହାତ ଖଣ୍ଡିଆ ହୋଇଯାଇଥିଲା। ମା' ମତେ ତଳୁ ଉଠାଇ ମେଡିକାଲ୍‌କୁ ନେଇ ଚିକିତ୍ସା କରାଇଥିଲେ। ସେଇ ଦିନଠୁ ମୋ ମନରୁ ଷ୍ଟଣ୍ଟ ଦେବାର ନିଶା ଛାଡ଼ିଗଲା।

– ରିପୋର୍ଟ: ବନ୍ଦନା ସେଠୀ

**ଅଭିନେତ୍ରୀ:** ଭୂମିକା ଦାଶ

**ଜନ୍ମ:** ଜାନୁୟାରୀ ୨୨, ୨୦୦୩

**ବର୍ତ୍ତମାନ ଠିକଣା:** ଭୁବନେଶ୍ୱର

**ସଫଳତା:** ରୁମ୍‌କୁ ଝୁମାନା, ଗପ ହେଲେ ବି ସତ, ହିରୋ ନଂ. ୱାନ୍, ନାୟକର ନାଁ ଦେବଦାସ ଭଳି ୭ଟି ଫିଲ୍ମରେ ଅଭିନୟ। ରିଲିଜ୍ ଅପେକ୍ଷାରେ 'ଶ୍ରୀମାନ୍ ସୁର୍ ଦାସ'।



ଫଟୋ: ବିକାଶ ନାୟକ

## ନିଜ କଥା

# ଅଙ୍ଗେନିଭା ଅନୁଭୂତିରୁ ଜନ୍ମ ନେଇଥିଲା 'ମଣିମାଳା'



ଯାଜପୁରରେ ଏସ୍‌ଡିଜେଏମ୍ ଥିବାବେଳେ ଜଣେ ମହିଳା ସ୍ୱାମୀଙ୍କ ଦ୍ୱାରା ନିର୍ଯାତିତା ହୋଇ ନ୍ୟାୟ ପାଇବା ଆଶାରେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ବିଭିନ୍ନ ବିଷୟକୁ ଅନୁଧ୍ୟାନ କରିବା ପରେ ଅଦାଲତ ସମ୍ପୃକ୍ତ ମହିଳାଙ୍କୁ ସ୍ୱାମୀ ନିଜ ପାଖରେ ରଖନ୍ତୁ ବୋଲି ନିର୍ଦ୍ଦେଶ ଦେଇଥିଲେ। କୋର୍ଟରେ ପ୍ରତିଶ୍ରୁତି ଦେଇଥିବା ଅଭିଯୁକ୍ତ ସ୍ୱାମୀ ପରେ କିନ୍ତୁ ନିଜ କଥାରୁ ଓହରିଯାଇଥିଲେ। ଏହାପରେ ପ୍ରତାରଣାର ଶିକାର ହୋଇଥିବା ମହିଳାଙ୍କୁ ସ୍ୱଧାର ଗୃହରେ ରଖିବା ବନ୍ଦୋବସ୍ତ କରାଯାଇଥିଲା। ଏହି ସତ୍ୟ ଘଟଣାର ଅଙ୍ଗେନିଭା ଅନୁଭୂତିରୁ ଜନ୍ମ ନେଇଥିଲା ଗଳ୍ପ 'ମଣିମାଳା'। ଏହା କହିଛନ୍ତି ଅବସରପ୍ରାପ୍ତ ସ୍ୱତନ୍ତ୍ର ସିବିଆଇ ବିଚାରପତି ଭିକାରୀଚରଣ ରାଉତ। ୧୯୮୧ରେ ବିଚାର ବିଭାଗୀୟ ସେବାରେ ଯୋଗଦେବା ପରେ ବିଭିନ୍ନ ସମୟରେ ଭିକାରୀଚରଣ ନିର୍ବାହ କରିଛନ୍ତି ଜେଏମ୍‌ଏଫସି, ଏସ୍‌ଡିଜେଏମ୍, ସିଜେଏମ୍, ସିଭିଲ ଜଜ୍ ଏବଂ ସିବିଆଇ ସ୍ୱତନ୍ତ୍ର ବିଚାରପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ୨୦୧୪ରେ ଅବସର ଗ୍ରହଣ କରିବା ପରେ ସେ ଏବେ ଲେଖାଲେଖିରେ ବିତାଉଛନ୍ତି ସମୟ। କଲେଜ ଜୀବନରୁ ସାହିତ୍ୟ ସାଧନାରେ ବ୍ରତୀ ଥିଲେ ମଧ୍ୟ ପରବର୍ତ୍ତୀ ଜୀବନରେ ବାସ୍ତବଧର୍ମୀ ଲେଖା ଆଡ଼କୁ ଗତିଶୀଳ ହୋଇଛି ତାଙ୍କ କଲମ। ଉଚ୍ଚ ଚିନ୍ତାଧାରା ଓ ସରଳ ଜୀବନଯାପନରେ ବିଶ୍ୱାସ ରଖୁଥିବା ଭିକାରୀଚରଣ ଧରିତ୍ରୀକୁ ବାଣ୍ଟିଛନ୍ତି ନିଜର ବ୍ୟକ୍ତିଗତ ଜୀବନର ଅନୁଭୂତି...

**ଘରେ କିଏ କିଏ ଅଛନ୍ତି ?**

ଦୁଇପୁଅ, ସ୍ତ୍ରୀଙ୍କୁ ନେଇ ପରିବାର। ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳରେ ଘର। ବଡ଼ ପୁଅ ସେନାରେ ଏବଂ ସାନପୁଅ ଭୁବନେଶ୍ୱରରେ ସରକାରୀ ଆଇନଜୀବୀ ଭାବେ କାର୍ଯ୍ୟରତ। ସ୍ତ୍ରୀ ଜଣେ ଗୃହିଣୀ। ସେ ଲେଖାଲେଖିରେ ବହୁତ ସାହାଯ୍ୟ କରନ୍ତି।

**ପଢ଼ିଥିବା ପୁସ୍ତକ, ଯାହା ମନକୁ ଛୁଇଁଛି?**

ଦାନ୍ତେଙ୍କ 'ଡିଭାଇନ କମେଡି', ଜନ ମିଲ୍‌ଟନଙ୍କ 'ପାରାଡାଇଜ ଲଷ୍ଟ', ରୁଷୋ, ଭଲ୍‌ଟେୟାରଙ୍କ ବହି। ମାନବବାଦ, ଦେଶାତ୍ମବୋଧକ ଚିନ୍ତାଧାରାରେ ପର୍ଯ୍ୟବସିତ କବିତା ଓ ଗଳ୍ପ ବେଶି ଭଲ ଲାଗେ। ସେଥିରେ ସମାଜ ପାଇଁ କିଛି ବାର୍ତ୍ତା ରହିଥାଏ। ଏପରି ଲେଖା ହିଁ ନବଜାଗରଣ ସୃଷ୍ଟି କରେ।

**କାହା ଲେଖାରେ ବେଶି ପ୍ରଭାବିତ ହୋଇଛନ୍ତି ?**

ରାଜଗୋପାଳଚାରୀଙ୍କ ମହାଭାରତ ଏବଂ ଆର.କେ. ନାରାୟଣଙ୍କ ରାମାୟଣ। ଏପରି ପ୍ରଭାବଶାଳୀ ଲେଖା ଜୀବନରେ ଗଭୀର ରେଖାପାତ କରିଛି।

**ଖାଇବାରେ କ'ଣ ପସନ୍ଦ?**

ଭାତ, ଡାଲମା, ଶାଗ, ବାଇଗଣ ବଡ଼ି ଭର୍ତ୍ତା, କଲରାଚିପ୍ସ ଖାଇବାକୁ ଭଲପାଏ। ବିଶେଷ କରି ସ୍ତ୍ରୀଙ୍କ ହାତରନ୍ଧା ସାଦା ଖାଦ୍ୟ ବେଶି ପସନ୍ଦ।

**ପ୍ରଥମ ଦରମାରେ କ'ଣ କରିଥିଲେ?**

ମୁଁ ଟିକେ ଈଶ୍ୱର ବିଶ୍ୱାସୀ। ପ୍ରଥମ ଦରମା ଈଶ୍ୱରଙ୍କ ନିକଟରେ ସମର୍ପଣ ଉଦ୍ଦେଶ୍ୟରେ ଭୋଗ କିଣି ପୂଜାର୍ଚ୍ଚନା କରିଥିଲି।

**ପ୍ରିୟ ରଙ୍ଗ କ'ଣ?**

ବିଚାର ବିଭାଗରେ ଚାକିରି କରିଥିବାରୁ କଳା ଓ ଧଳା ରଙ୍ଗ ପସନ୍ଦ। ଏହି ରଙ୍ଗର ପୋଷାକକୁ ସବୁବେଳେ ଗୁରୁତ୍ୱ ଦେଇଥାଏ।

**ସିନେମା ଦେଖନ୍ତି?**

ହଁ। ପରିବାର ସମସ୍ତେ ମିଶି ଦେଖି ପାରୁଥିବା ଭଳି ସିନେମା ଦେଖିବାକୁ ଭଲ ଲାଗେ। ଅମିତାଭ ବଚ୍ଚନଙ୍କ 'ବାଗବାନ' ଅନେକ ଥର ଦେଖିଛି। ଏହି ଚଳଚ୍ଚିତ୍ରରେ ପାରିବାରିକ ମୂଲ୍ୟବୋଧ ରହିଛି, ଯାହା ବେଶ୍ ଶିକ୍ଷଣୀୟ।

**ଗୀତ ଶୁଣନ୍ତି କି ?**

ପୁରୁଣା ଗୀତ ଶୁଣିବାକୁ ଭଲଲାଗେ। ବିଶେଷକରି ଓଡ଼ିଶାର ଭଜନ ସମ୍ରାଟ ଭିକାରୀ ବଳ, ନିମାଇଁ ଚରଣ ହରିଚନ୍ଦନଙ୍କ ଗୀତ ବେଶି ପସନ୍ଦ।

**ପ୍ରିୟ ଅଭିନେତା ଓ ଅଭିନେତ୍ରୀ ?**

ଅମିତାଭ ବଚ୍ଚନ, ହେମାମାଳିନୀ, ରେଖା।

**ଯୁବପିଢ଼ିଙ୍କୁ କ'ଣ କହିବେ?**

ଯୁବସମାଜ ଜାଗ୍ରତ ପ୍ରହରୀ। ସେମାନେ ନିଃସ୍ୱାର୍ଥପର କାର୍ଯ୍ୟ କରିବା ଆଜିର ସମୟ ପାଇଁ ନିତାନ୍ତ ଆବଶ୍ୟକ।

-ସାକ୍ଷାତ୍, ପ୍ରଳୟ ଦାସ, ଢେଙ୍କାନାଳ

# ବିନା ରାଜନୀତିରେ ଭଲ କାମ କରିବାକୁ ଚାହେଁ

ଧରିତ୍ରୀ ଆଳାପ

ଓଡ଼ିଆ ସିନେ ଜଗତର ଜଣେ ଆଗ ଧାଡ଼ିର ଅଭିନେତା ହେଉଛନ୍ତି ସବ୍ୟସାଚୀ ମିଶ୍ର। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ୨୦୦ରୁ ଊର୍ଦ୍ଧ୍ୱ ଆଲବମ୍‌ରେ ଅଭିନୟ କରି ଦର୍ଶକଙ୍କ ମନ ଜିତିଥିଲେ। ୨୦୦୭ରେ ସେ 'ପାଗଳପ୍ରେମୀ' ଫିଲ୍ମ ଜରିଆରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ପ୍ରବେଶ କରିଥିଲେ। ଗୋଟିଏ ପରେ ଗୋଟିଏ ହିଟ୍ ଚଳଚ୍ଚିତ୍ରରେ ଅଭିନୟ କରି ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। 'ତୋ ବିନା ଭଲ ଲାଗେନା', 'ତୋର ମୋର ଯୋଡ଼ି ସୁନ୍ଦର', 'ବାଏ ବାଏ ଦୁବାଇ', '୪ ଇଡିୟଟ୍' ଭଳି ୩୦ରୁ ଊର୍ଦ୍ଧ୍ୱ ସୁପରହିଟ୍ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ୨୦୦୭ ଓ ୨୦୧୨ରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଛନ୍ତି। ଓଡ଼ିଆ ଫିଲ୍ମ ସମେତ ତେଲୁଗୁ, ତାମିଲ ଓ ବଙ୍ଗଳା ଫିଲ୍ମରେ ମଧ କାମ କରିଛନ୍ତି। ଏଥର 'ଧରିତ୍ରୀ ଆଳାପ' ସ୍ତମ୍ଭରେ ଏହି ଲୋକପ୍ରିୟ ଅଭିନେତାଙ୍କ ସହ କିଛି କଥାବାର୍ତ୍ତା।

**ବିଟେକ୍ ଇଞ୍ଜିନିୟରିଂ କରିଥିଲେ। ଚଳଚ୍ଚିତ୍ର ଜଗତରେ କ୍ୟାରିୟର କରିବା ପାଇଁ କାହିଁକି ମନ ବଳାଇଲେ?**

ଛୋଟବେଳରୁ ହିଁ ଏହି ଲାଇନ୍‌ରେ କ୍ୟାରିୟର କରିବା ପାଇଁ ମୋର ସ୍ୱପ୍ନ ଥିଲା। ତେଣୁ ଚାକିରି କରିବା ପାଇଁ ପସନ୍ଦ କରି ନ ଥିଲି।

**ଘର ପକ୍ଷରୁ କିପରି ସପୋର୍ଟ ମିଳିଥିଲା ?**

ବାପା ଜଣେ ଆଇଏଏସ୍ ଅଫିସର ହିସାବରେ ତାଙ୍କର ସବୁବେଳେ ଇଚ୍ଛା ଥିଲା ଯେ ମୁଁ ଚାକିରି କରିବି। ଏହି କ୍ଷେତ୍ରରେ କାମ କରିବା ପାଇଁ ତାଙ୍କର ଆଦୌ ଇଚ୍ଛା ନ ଥିଲା। କିନ୍ତୁ ମା'ଙ୍କର ସବୁ ପ୍ରକାର ସପୋର୍ଟ ମୋତେ ମିଳିଥିଲା। କିନ୍ତୁ ବାପା ମୋ ପାଇଁ ଗୋଟେ ରୁଲ୍ ରଖିଥିଲେ। ଯଦି ୮୦ପ୍ରତିଶତରୁ କ୍ୟାରିୟର କମ୍ ରହିବ ତେବେ କିଛି କରିପାରିବିନି। ତେଣୁ ସବୁବେଳେ ମୋର ୮୦ପ୍ରତିଶତ ଟାର୍ଗେଟ ଥାଏ। ତେବେ 'ପ୍ରାଗଳ ପ୍ରେମୀ' ଫିଲ୍ମର ପ୍ରିମିୟର ଶୋ ଓ ଦର୍ଶକଙ୍କ ରେସ୍‌ପନ୍ସ ଦେଖିବା ପରେ ବାପାଙ୍କ ମଧରେ ପରିବର୍ତ୍ତନ ଆସିଥିବା ଦେଖିଥିଲି।

**ଅନେକ ସୁପରହିଟ୍ ଫିଲ୍ମ କରିଛନ୍ତି। କେଉଁ ଫିଲ୍ମ ପାଇଁ ନିଜକୁ ଆତ୍ମସନ୍ତୋଷ ମିଳିଛି ?**

ଯେତେବେଳେ କୌଣସି ଫିଲ୍ମ ପାଇଁ ପୁରସ୍କାର ମିଳେ କିମ୍ବା ଦର୍ଶକଙ୍କର ଭଲପାଇବା ମିଳେ ତାହା ଏକ୍ସଟ୍ରା ଖୁସି ଦିଏ। କିନ୍ତୁ ସତ କହିବାକୁ ଗଲେ ସବୁ ଫିଲ୍ମରେ ମୁଁ ଆତ୍ମସନ୍ତୋଷ ପାଇଛି। କାରଣ ସବୁ ଫିଲ୍ମରେ ମୁଁ ମୋ ଚରିତ୍ରକୁ ଜୀବନ୍ତ କରିବା ପାଇଁ ଚେଷ୍ଟା କରିଛି।

**ପ୍ରଥମ ତେଲୁଗୁ ଫିଲ୍ମ 'ନିରାଜନମ'ର ସୁଯୋଗ କିପରି ପାଇଥିଲେ?**

ଯେତେବେଳେ ଆଇପିଏଲ୍‌ର ଡେକାନ ଚାର୍ଜର୍ସର ମୁଁ ବ୍ରାଣ୍ଡ ଆମ୍ବାସାଡର ଥିଲି ସେତେବେଳେ ଅନେକ ଥର ମୁଁ ହାଇଦ୍ରାବାଦ ଯାଇଥିଲି। ସେମାନେ ମୋର 'ପାଗଳ ପ୍ରେମୀ' ଫିଲ୍ମର ଟ୍ରେଲର ଦେଖିଥିଲେ। ଯେହେତୁ ସେହି ଫିଲ୍ମଟି ଏକ ତେଲୁଗୁ ଫିଲ୍ମର ରିମେକ୍ ଥିଲା ତେଣୁ ସେମାନେ ବହୁତ ଖୁସି ହୋଇଥିଲେ ଏବଂ ତେଲୁଗୁ ହିରୋ ଆଲ୍ଲୁ ଅର୍ଜୁନଙ୍କ ସହ ମୋତେ ତୁଳନା କରିଥିଲେ। ତାହା ହିଁ ମୋତେ ବଡ଼ ସପୋର୍ଟ ମିଳିଥିଲା। ସେଇଠୁ ହିଁ ମୋତେ ବହୁତ ଅଫର ଆସିଥିଲା। ସେଥିରୁ ମୁଁ ଏହି ଚଳଚ୍ଚିତ୍ରକୁ ବାଛିଥିଲି। ରିଲିଜ ହେବା ପରେ ଭଲ ସଫଳତା ମିଳିଥିଲା। ତା'ପରେ ମୋତେ ଆହୁରି ଫିଲ୍ମ ପାଇଁ ଅଫର ଆସିଥିଲା।

**ଅପ୍‌କମିଙ୍ଗ ଫିଲ୍ମ କ'ଣ ରହିଛି ?**

ଓଡ଼ିଆରେ 'ଯେତେ ଗୋରୀ ସେତେ ଷ୍ଟୋରୀ' ଫିଲ୍ମର ସେନ୍‌ସର କାମ ଚାଲିଛି, ତାହା ଖୁବ୍‌ଶୀଘ୍ର ରିଲିଜ ହେବ। ଆଉ ଏକ ବଡ଼ ବ୍ୟାନର ଫିଲ୍ମ ପାଇଁ କାମ ଚାଲିଛି, ଯାହା ଆସନ୍ତା ଜାନୁୟାରୀରେ ରିଲିଜ ହେବ। ତେବେ ତା'ର କୌଣସି ନାମ ଦିଆଯାଇନାହିଁ। ଏଥିସହିତ ତେଲୁଗୁରେ 'ଆଦି ଓ୍ୱକା ଇଦିଲେ' ଓ 'ସୀତା ରାମୁଲା କଲ୍ୟାଣମ୍' ଫିଲ୍ମ ଆସିବ। ତାମିଲରେ 'ନାଧିରଧିନା' ଫିଲ୍ମର ଶୁଟିଂ ଶେଷ ହୋଇଛି। ଖୁବ୍‌ଶୀଘ୍ର ରିଲିଜ ହେବ। ବଙ୍ଗଳା ଫିଲ୍ମ 'ରକ୍ତମୁଖୀ ନିଲା'ର ଶୁଟିଂ ଚାଲିଛି। ଏହା ପଶ୍ଚିମବଙ୍ଗ ଓ ବାଂଲାଦେଶରେ ରିଲିଜ ହେବ।

**ପୁରୁଣା ଚଳଚ୍ଚିତ୍ରକୁ ପରିବାର ସହିତ ବସି ଦେଖିହୁଏ ବୋଲି ଆଜିକାଲି ଦର୍ଶକଙ୍କ ଚିନ୍ତାଧାରା ରହିଛି। କିନ୍ତୁ ବର୍ତ୍ତମାନର ଚଳଚ୍ଚିତ୍ରରେ ତାହା ଦେଖିବାକୁ ମିଳୁନି। ଜଣେ ଅଭିନେତା ଭାବେ ଏ ସମ୍ପର୍କରେ କ'ଣ କହିବେ?**

ଏହା ସତ କଥା। ଅନେକ କ୍ଷେତ୍ରରେ ମୁଁ ଏହାକୁ ଅନୁଭବ କରିଛି। କାରଣ ଓଡ଼ିଶାରେ ଆମେ ସମସ୍ତେ ଏକ ରକ୍ଷଣଶୀଳ ପରିବାରରୁ ଆସିଥାଉ। ସମସ୍ତଙ୍କ ସହିତ ବସି ସବୁ ଜିନିଷ ଦେଖି ହେବ ନାହିଁ, ଯାହା ଆମ ସଂସ୍କୃତିରେ ନାହିଁ। ଏହାକୁ ମୁଁ ମୋର ସବୁ ଫିଲ୍ମରେ ବେଞ୍ଚ ମାର୍କ ହିସାବରେ ରଖିବାକୁ ଚେଷ୍ଟା କରେ। ଅନେକ ଥର ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ସହିତ ଯୁକ୍ତିତର୍କ ହୋଇଛି ଯେ, ଏଭଳି ଦୃଶ୍ୟ ଫିଲ୍ମରେ ରଖିବାନି କାରଣ ଦର୍ଶକ ଏହାକୁ ପସନ୍ଦ କରିବେନି। ତେବେ ସେହି ଯୁକ୍ତିତର୍କରେ ସବୁବେଳେ ମୁଁ ହିଁ ଜିତିଛି।

**ଅନେକ ନବାଗତ ଆସୁଛନ୍ତି। କିନ୍ତୁ ଗୋଟିଏ କିମ୍ବା ଦୁଇଟି ଚଳଚ୍ଚିତ୍ର କରି ରହିଯାଉଛନ୍ତି। ଏହା କ'ଣ ପାଇଁ ହେଉଛି ବୋଲି ଭାବୁଛନ୍ତି ?**

ଆଜିକା ଦିନରେ ନବାଗତମାନେ ବହୁତ ଗ୍ରୁମ୍ ହୋଇ ଆସୁଛନ୍ତି। ସେମାନଙ୍କ ପାଖରେ ସବୁ ପ୍ରକାର ଟ୍ୟାଲେଣ୍ଟ ରହିଛି। କିନ୍ତୁ ଦର୍ଶକଙ୍କ ଗ୍ରହଣୀୟତା କେତେବେଳେ କାହାକୁ ମିଳିବ ତା'ର କୌଣସି ସମୟ ନ ଥାଏ।

**ଯେଉଁମାନେ ଏହି କ୍ଷେତ୍ରରେ ଆସିବାକୁ ଚାହୁଁଛନ୍ତି ସେମାନେ ନିଜକୁ କିପରି ପ୍ରସ୍ତୁତ ହୋଇ ଆସିବା ଉଚିତ?**

ପ୍ରଫେଶନାଲିଜିମ୍ ଓ କମିଟ୍‌ମେଣ୍ଟ ଭଳି ଚିନ୍ତାଧାରା ରଖିବା ସହିତ ଭଲ ଭାବମୂର୍ତ୍ତି ନେଇ ଆସିବା ଦରକାର।

**ବର୍ତ୍ତମାନ ଓଡ଼ିଆ ଫିଲ୍ମର ସ୍ଥିତି କିପରି ଅଛି। କ'ଣ ପରିବର୍ତ୍ତନ ହେବା ଉଚିତ ଭାବୁଛନ୍ତି ?**

ଯେତିକି ଖୁସି ଲାଗୁଛି ସେତିକି ବ୍ୟସ୍ତ ମଧ ଲାଗୁଛି। ଖୁସି ଏଥିପାଇଁ ଲାଗୁଛି ଯେ ପୂର୍ବରୁ ଓଡ଼ିଆ ଫିଲ୍ମ ପ୍ରତି ଯୁବପିଢ଼ିଙ୍କ ଚାହିଦା ନ ଥିଲା। କିନ୍ତୁ ବର୍ତ୍ତମାନ ସମୟରେ ସବୁ ବର୍ଗର ଦର୍ଶକ ଦେଖୁଛନ୍ତି। ବିଶେଷ କରି ଯୁବପିଢ଼ିମାନେ ଓଡ଼ିଆ ଫିଲ୍ମ ପ୍ରତି ଅଧିକ କ୍ରେଜି ଅଛନ୍ତି। ଦୁଃଖର କଥା ହେଉଛି ଭୌଗୋଳିକ ଦୃଷ୍ଟିକୋଣରୁ ଆମ ରାଜ୍ୟ ବଡ଼ ହୋଇଥିଲେ ମଧ ଏଠାରେ ସିନେମା ହଲ୍‌ର ସଂଖ୍ୟା ବହୁତ୍ କମ୍ ହୋଇଛି। ଓଡ଼ିଶାରେ ଅନେକ ଜାଗାରେ ସିନେମା ଦେଖିବା ପାଇଁ ଦର୍ଶକ ପ୍ରାୟ ୪୦କିମି ଦୂରକୁ ଯାଉଛନ୍ତି। ଏହା ଚଳଚ୍ଚିତ୍ର ଜଗତ ପାଇଁ ଏକ ବଡ଼ କ୍ଷତି। ଯଦି ସିନେମା ହଲ ସଂଖ୍ୟା ବୃଦ୍ଧି ପାଆନ୍ତା ତେବେ ତେଲୁଗୁ, ମରାଠୀ ହେଉ କି ହିନ୍ଦୀ ଫିଲ୍ମ ଭଳି ୧୦୦କୋଟି ରେସ୍‌ରେ ଆମ ଓଡ଼ିଆ ଫିଲ୍ମ ସାମିଲ ହୋଇପାରନ୍ତା। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକ୍ ସ୍ତରରେ ସିନେମା ହଲ ନିର୍ମାଣ କରାଯିବା ଉଚିତ।

**ରାଜନୀତିକୁ କିପରି ଦେଖନ୍ତି?**

କେବଳ ଭୋଟ ଦେବା ପାଇଁ ଜଣେ ସକ୍ଷମ ନାଗରିକ ଭାବେ ଦେଖିଥାଏ।

**ଅନେକ କଳାକାର ସଫଳତା ପାଇବା ପରେ ରାଜନୀତି କ୍ଷେତ୍ରକୁ ଯାଆନ୍ତି। ସେଭଳି କିଛି ଚିନ୍ତା ରଖିଛନ୍ତି କି?**

ନା। ଭଲ କାମ କରିବା ପାଇଁ ରାଜନୀତି ଏକମାତ୍ର ରାସ୍ତା ନୁହେଁ। ବିନା ରାଜନୀତିରେ ମୁଁ ଭଲ କାମ କରିବା ପାଇଁ ଚାହେଁ। ମୁଁ ଅନୁଭବ କରିଛି ଯେ, ଦର୍ଶକ ତାଙ୍କର ପ୍ରିୟ ଅଭିନେତା ରାଜନୀତିରେ ଯୋଗଦେଲେ ମଧ ଭଲପାଆନ୍ତି ନାହିଁ। ତେଣୁ ମୁଁ ମୋ ଦର୍ଶକଙ୍କୁ ଝଟ୍‌କା ଦେବା ପାଇଁ ଚାହିଁବିନି।

**ସମାଜରେ କ'ଣ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି ବୋଲି ଭାବୁଛନ୍ତି?**

ଛୋଟ ପିଲା, ମହିଳା ଓ ବୃଦ୍ଧାଙ୍କ ସୁରକ୍ଷା ପ୍ରତି ଲୋକଙ୍କ ଦୃଷ୍ଟିକୋଣରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଘରେ ଘରେ ପଲିଥିନ୍ ବ୍ୟବହାର ବନ୍ଦ କରିବା ସହିତ ପରିବେଶ କିପରି ସୁରକ୍ଷିତ ରହିବ ସେଥିପ୍ରତି ଜନସାଧାରଣ ଚିନ୍ତା କରିବା ଉଚିତ।

**ମା' ଜଣେ ସୁଲେଖିକା। ତାଙ୍କର ସେହି ଗୁଣକୁ କେବେ ଆପଣେଇଛନ୍ତି କି?**

ଛୋଟବେଳେ ବହୁତ ମାତ୍ରାରେ କବିତା ଓ ଗଳ୍ପ ଲେଖିଛି। ଧରିତ୍ରୀର 'ପିଲାଙ୍କ ଧରିତ୍ରୀ' ପୃଷ୍ଠାରେ ଅନେକ ଥର ମୋର କବିତା ପ୍ରକାଶ ପାଇଛି। ଥରେ ମୁଁ ଏହି କବିତା ପାଇଁ 'ମାଟିର ମଣିଷ' ପୁରସ୍କାର ପାଇଥିଲି। ତେବେ ବର୍ତ୍ତମାନ ଲେଖିବା ପାଇଁ ସମୟ ହେଉନାହିଁ।

ସାକ୍ଷାତ୍
ଅସମାପିକା ସାହୁ



ଫଟୋ: ବିକାଶ ନାୟକ